Chapter- 3

# ରାଜାଙ୍କ ନୂତନ ପରିଚ୍ଛଦ

## STUDY NOTES

**ବିଷୟବସ୍ତୁ:**

ଗୋଟିଏ ଦେଶରେ ଜଣେ ରାଜାଙ୍କର ପ୍ରଧାନ ସଉକ ଥିଲା ନୂତନ ପୋଷାକ ପିନ୍ଧିବା, ନୂଆ ପୋଷାକ ପାଇଁ ସେ ଏକପ୍ରକାର ପାଗଳ ଥିଲେ। ଥରେ ତାଙ୍କ ଜନ୍ମଦିନ ପୂର୍ବରୁ ନୂଆ ପୋଷାକ ତିଆରି ପାଇଁ ଦୁଇଜଣ ଶଠ ଆସି ପହଞ୍ଚିଲେ ଓ ନୂତନ ପୋଷାକ ତିଆରି କରିବେ, କିନ୍ତୁ ଯିଏ ବୁଦ୍ଧିହୀନ ଓ ନିଜ ଆସନରେ ଅଯୋଗ୍ୟ ସେ ଏହି ପୋଷାକ ଦେଖିପାରିବ ନାହିଁ। ଏହି ପୋଷାକରେ ଅନେକ ଅର୍ଥ ଖର୍ଚ୍ଚ ହେବ ବୋଲି ସେମାନେ କହିଲେ। ଏହା ଶୁଣି ରାଜା ଆଶ୍ଚର୍ଯ୍ୟ ଓ ଖୁସି ହେଲେ ଏବଂ ୧୫ ଦିନ ଭିତରେ ଏହି ପୋଷାକକୁ ନିର୍ମାଣ କର ବୋଲି ଆଦେଶ ଦେଲେ। ଶଠ ଦୁଇଜଣ ପୋଷାକ ତିଆରି ନାମରେ ସବୁ ଗହଣା ଓ ଟଙ୍କା ଲୁଚାଇ ରଖିଲେ ଓ ଦିନଯାକ ବସ୍ତ୍ର ବୟନ କରିବାର ଅଭିନୟ କରି ତନ୍ତ ପାଖରେ ବସି ରହିଲେ।

ରାଜା ପ୍ରଥମେ ନିଜର ପ୍ରଧାନମନ୍ତ୍ରୀଙ୍କୁ ପଠାଇଲେ ସେହି ବସ୍ତ୍ର ଦେଖିବା ପାଇଁ। ପ୍ରଧାନମନ୍ତ୍ରୀ ଦେଖିଲେ ଶଠ ବସ୍ତ୍ର ବୟନରେ ବ୍ୟସ୍ତ। କିନ୍ତୁ ତନ୍ତଟି ଶୂନ୍ୟ। କିନ୍ତୁ ପ୍ରଧାନମନ୍ତ୍ରୀ ମୁହଁ ଖୋଲି କିଛି କହିଲେ ନାହିଁ, କାରଣ କହିବା ଦ୍ଵାରା ସେ ଅଯୋଗ୍ୟ ଓ ବୋକା ବୋଲି ପ୍ରମାଣିତ ହେବେ। ତେଣୁ ଛଳନା କରି କହିଲେ ଏହା ଏକ ଚମତ୍କାର ପୋଷାକ। ତା'ପରେ ସେହି ଚମତ୍କାର ପୋଷାକ ଦେଖିବା ପାଇଁ ରାଜା ତାଙ୍କର ପ୍ରଧାନ ବିଚାରପତିଙ୍କୁ ପଠାଇଲେ। ସେ ମଧ୍ୟ ସେଇ ଜିନିଷ ଦେଖିଲେ ଓ ନିଜକୁ ଲୁଚାଇବା ପାଇଁ ରାଜାଙ୍କ ନିକଟରେ ଆସି ମିଛ କହିଲେ। ପରେ ରାଜା ଆଉ କେତେକ କର୍ମଚାରୀଙ୍କ ସହ ନିଜେ ଗଲେ ଓ ସେହି ତନ୍ତ ଖାଲିଥିବାର ଦେଖିଲେ। ହେଲେ କେହି ମୁହଁ ଖୋଲି ସତକଥା କହିଲେ ନାହିଁ। ପରେ ରାଜାଙ୍କ ଜନ୍ମଦିନ ପାଇଁ ଶଠ ଦୁଇଜଣ ସୁବର୍ଣ୍ଣ ଥାଳିରେ ବସ୍ତ୍ର ରଖିବାର ଅଭିନୟ କରି ରାଜାଙ୍କୁ ଶୂନ୍ୟ ଥାଳି ଦେଇ ଅନେକ ଟଙ୍କା ପଇସା ନେଇ ସେଠାରୁ ଚାଲିଗଲେ।

ଜନ୍ମଦିନ ସକାଳୁ ରାଜାଙ୍କ ଭୃତ୍ୟ ଆସିଲା ଓ ଶୂନ୍ୟ ଥାଳି ଦେଖି ସବୁ ସତକଥା କହିଦେଲା ଯେ, ସମସ୍ତେ ମିଛ କହିଛନ୍ତି। ରାଜା ଏହା ଦେଖି ନିଜର ଭ୍ରମ ବୁଝି ପାରିଲେ। ଏଣିକି ନୂତନ ପୋଷାକ ପିନ୍ଧିବାର ରାଜାଙ୍କର ସଉକ ଛାଡ଼ିଗଲା ଓ ରାଜା ଏଣିକି ରାଜ କାର୍ଯ୍ୟରେ ମନୋନିବେଶ କଲେ।

**କେତୋଟି ନୂତନ ଶବ୍ଦ:**

ଶଠ - ଠକ
ବସ୍ତ୍ରବୟନ - ଲୁଗା ବୁଣିବା
ସଉକ - ଆଗ୍ରହ
ମନୋନିବେଶ - ମନଦେବା
ପରିଚ୍ଛଦ - ପୋଷାକ
ଭ୍ରମ - ଭୁଲ
ଭୃତ୍ୟ - ଚାକର
ସହସ୍ର - ହଜାର
ବିଶ୍ୱସ୍ତ - ବିଶ୍ୱାସୀ
ଚିନ୍ତାମଗ୍ନ - ଚିନ୍ତାରେ ବୁଡ଼ିଯିବା

୧. ଆସ କଥାବାର୍ତ୍ତା ହେବା।

କ) ରାଜାଙ୍କ ପ୍ରଧାନ ସଉକ କ'ଣ ଥିଲା ?

ଉ: ପ୍ରତିଦିନ ଗୋଟିଏ ଗୋଟିଏ ନୂଆ ପୋଷାକ ପିନ୍ଧିବା ଥିଲା ରାଜାଙ୍କର ପ୍ରଧାନ ସଉକ।

ଖ) ନୂତନ ପରିଚ୍ଛଦ ଦେଖିବା ପାଇଁ ରାଜା ପ୍ରଥମେ କାହାକୁ ପଠାଇଥିଲେ ?

ଉ: ନୂତନ ପରିଚ୍ଛଦ ଦେଖିବା ପାଇଁ ରାଜା ପ୍ରଥମେ ନିଜର ପ୍ରଧାନମନ୍ତ୍ରୀଙ୍କୁ ପଠାଇଥିଲେ।

ଗ) ପ୍ରଧାନମନ୍ତ୍ରୀ ନିଜର ଦୁର୍ବଳତା ଘୋଡ଼ାଇବାକୁ ଯାଇ ଶଠ ଦୁଇଜଣଙ୍କୁ କ'ଣ କହିଥିଲେ ?

ଉ: ପ୍ରଧାନମନ୍ତ୍ରୀ ଶଠ ଦୁଇଜଣଙ୍କୁ କହିଲେ- ନିଶ୍ଚୟ ଏହା ଏକ ଚମତ୍କାର ପୋଷାକ ରାଜାଙ୍କ ଦେହକୁ ଏହା ଖୁବ୍ ମାନିବ।

ଘ) ପ୍ରଧାନ ବିଚାରପତି କାରିଗରଙ୍କ ନିକଟକୁ ଫେରିଆସି ରାଜାଙ୍କୁ କ'ଣ ଜଣାଇଲେ ?

ଉ: ପ୍ରଧାନ ବିଚାରପତି ଜଣାଇଲେ ଯେ- କାରିଗର ଦୁଇଜଣ ଅସାଧାରଣ ଓ ଆଶ୍ଚର୍ଯ୍ୟଜନକ ପୋଷାକ ପ୍ରସ୍ତୁତ କରୁଛନ୍ତି।

ଙ) ନୂତନ ପରିଚ୍ଛଦଟି ପିନ୍ଧାଇବାକୁ ଆସି ଭୃତ୍ୟଟି ରାଜାଙ୍କୁ କ'ଣ କହିଲା ?

ଉ: ଭୃତ୍ୟଟି କହିଲା- ମହାରାଜ ମୁଁ ପଛେ ବୋକା ଓ ଅଯୋଗ୍ୟ ବୋଲି ପ୍ରମାଣିତ ହୁଏ, କିନ୍ତୁ ଆପଣଙ୍କୁ ଖୁସି କରିବା ପାଇଁ ମିଛ କହିପାରିବି ନାହିଁ। ପ୍ରକୃତରେ ଏ ଥାଳିରେ କୌଣସି ବସ୍ତ୍ର ନାହିଁ। ସେ ଦୁଇଜଣ ଠକ।

୨. ଆସ ଉତ୍ତର ଲେଖିବା ।

କ) ନୂଆ ନୂଆ ପୋଷାକ ପାଇଁ ରାଜା ଦିନେ କ'ଣ ଘୋଷଣା କଲେ ?

ଉ: ନୂଆ ନୂଆ ପୋଷାକ ପାଇଁ ରାଜା ଘୋଷଣା କଲେ ଯେ- ଯେଉଁ କାରିଗର ତାଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ ପୋଷାକ ତିଆରି କରିବ, ତାକୁ ସେ ଏକ ହଜାର ସୁନା ମୋହର ପୁରସ୍କାର ଦେବେ ।

ଖ) ଅର୍ଥ ଲୋଭରେ ଶଠ ବ୍ୟକ୍ତି ଦୁଇଜଣ ରାଜାଙ୍କୁ କ'ଣ କହିଲେ ?

ଉ: ଶଠ ବ୍ୟକ୍ତି ଦୁଇଜଣ ରାଜାଙ୍କୁ କହିଲେ ଆମ୍ଭେ ଏକ ନୂତନ ଧରଣର ପୋଷାକ ତିଆରି କରିବୁ । ସେ ହେବ ଏକ ଅଦ୍ଭୁତ ପୋଷାକ । ତା'ର ଏକ ବିଚିତ୍ର ଗୁଣ ହେଉଛି, ଯେଉଁ ଲୋକ ବୁଦ୍ଧିହୀନ ଓ ନିଜ ଆସନରେ ଅଯୋଗ୍ୟ ତାହାର ଚକ୍ଷୁକୁ ସେ ବସ୍ତ୍ର ଆଦୌ ଦେଖାଯିବ ନାହିଁ ।

ଗ) ପ୍ରଧାନମନ୍ତ୍ରୀ ଚିନ୍ତାମଗ୍ନ ହୋଇପଡ଼ିଲେ କାହିଁକି ?

ଉ: ପ୍ରଧାନମନ୍ତ୍ରୀ ଦେଖିଲେ କାରିଗର ଦୁହେଁ ଶୂନ୍ୟ ତନ୍ତରେ ବସ୍ତ୍ର ବୟନରେ ବ୍ୟସ୍ତ । ସେ ତନ୍ତରେ ସୂତାଖିଅଟିଏ ମଧ୍ୟ ଦେଖିପାରିଲେ ନାହିଁ । ସେ ଭାବିଲେ ତେଣୁ ସେ ବୁଦ୍ଧିହୀନ ଓ ଅଯୋଗ୍ୟ । ତେଣୁ ସେ ଚିନ୍ତାମଗ୍ନ ହୋଇପଡ଼ିଲେ ।

ଘ) ରାଜା କାହିଁକି ସାବାସ୍ ସାବାସ୍ କଲେ ?

ଉ: ରାଜା ମନେ ମନେ ଭାବିଲେ ଯେ, ସମସ୍ତେ ସେହି ବସ୍ତ୍ରଟିକୁ ଦେଖିପାରୁଥିବା ସ୍ଥଳେ ସେ ନିଜେ କାହିଁକି ଦେଖିପାରୁନାହାନ୍ତି ? ସେ ତେବେ କ'ଣ ରାଜପଦ ପାଇଁ ଅଯୋଗ୍ୟ ? ପ୍ରଜାମାନେ ଜାଣିଲେ କ'ଣ ଭାବିବେ ? ତେଣୁ ସେ ନିଜର ଲଜ୍ଜାକୁ ଘୋଡ଼ାଇବା ପାଇଁ ମିଛରେ ସାବାସ୍ ସାବାସ୍ କଲେ ।

ଙ) ରାଜା ନିଜର ଭ୍ରମ କିପରି ବୁଝିପାରିଲେ ?

ଉ: ରାଜାଙ୍କ ଜନ୍ମଦିନରେ ରାଜାଙ୍କୁ ପୋଷାକ ପିନ୍ଧାଇବା ପାଇଁ ଆସିଥିବା ଚାକରଟି ରାଜାଙ୍କୁ କହିଲା ଯେ- ସେ ବୋକା ଓ ଅଯୋଗ୍ୟ ପ୍ରମାଣିତ ହେଲେ ମଧ୍ୟ ସେ ମିଛ କଥା କହିବ ନାହିଁ । ଥାଳିରେ ପ୍ରକୃତରେ କୌଣସି ବସ୍ତ୍ର ନାହିଁ । ସେ ଦୁଇଜଣ ମିଛୁଆ ଓ ଠକ । ଚାକରଠୁ ଏକଥା ଶୁଣି ରାଜା ନିଜର ଭୁଲ ବୁଝିପାରିଲେ ।

୩. ନିମ୍ନଲିଖିତ ଉତ୍ତର ପାଇବା ପାଇଁ ଆସ ପ୍ରଶ୍ନ ତିଆରି କରିବା ଓ ଲେଖିବା ।

କ) ନିଜ ଆସନର ଅଯୋଗ୍ୟ ବ୍ୟକ୍ତିର ଚକ୍ଷୁକୁ ସେ ବସ୍ତ୍ର ଆଦୌ ଦେଖାଯିବ ନାହିଁ ।

ଉ: ସେ ବସ୍ତ୍ର କାହାକୁ ଆଦୌ ଦେଖାଯିବ ନାହିଁ ।

ଖ) ଶଠ ବ୍ୟକ୍ତି ଦୁହେଁ ତନ୍ତ ପାଖରେ ବସି ବସ୍ତ୍ର ବୟନର ଛଳନା କଲେ ।

ଉ: ଶଠ ବ୍ୟକ୍ତି ଦୁହେଁ କେଉଁଠାରେ ବସି କ'ଣ କରିବାର ଛଳନାକଲେ ?

ଗ) ରାଜାଙ୍କ ନିକଟକୁ ଆସି ମନ୍ତ୍ରୀ ସେହି କଥା ବର୍ଣ୍ଣନା କଲେ ।

ଉ: କିଏ ରାଜାଙ୍କ ନିକଟକୁ ଆସି ସେହି କଥା ବର୍ଣ୍ଣନା କଲେ ?

ଘ) ଲୋକମାନେ କହିଲେ ଅତି ମନୋରମ ବସ୍ତ୍ର ହୋଇଛି ।

ଉ: ଲୋକମାନେ କ'ଣ କହିଲେ ?

ଙ) ରାଜା ରାଜକାର୍ଯ୍ୟରେ ଅଧିକ ମନୋନିବେଶ କଲେ ।

ଉ: ରାଜା କେଉଁଥିରେ ଅଧିକା ମନୋନିବେଶ କଲେ ?

୪. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।

ସଉକ : ନୂଆ ବହି କିଣିବା ରାମର ସଉକ ।

ବୁଦ୍ଧିହୀନ : ହରି ଗୋଟିଏ ବୁଦ୍ଧିହୀନ ପିଲା ।

ଚିନ୍ତାମଗ୍ନ : ଚିତ୍ରଟିକୁ ଦେଖି ବାବୁ ଚିନ୍ତାମଗ୍ନ ହୋଇପଡ଼ିଲା ।

ଚମତ୍କାର : ଗୋଟିଏ ଚମତ୍କାର ଲେଖା ଲେଖି ଲଳିତ ପୁରସ୍କାର ପାଇଲା ।

ଭ୍ରମ : ରାଜା ଶେଷରେ ନିଜର ଭ୍ରମ ବୁଝିପାରିଲେ ।

୫. ନିମ୍ନ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ବୁଝାଉଥିବା ଶବ୍ଦ ପାଖରେ କୋଠରୀରେ ଲେଖିବା ।

| | | | |
|---|---|---|---|
| ନୂତନ | - ପୁରାତନ | ଭଲ | - ମନ୍ଦ |
| ଅଯୋଗ୍ୟ | - ଯୋଗ୍ୟ | ସାଧାରଣ | - ଅସାଧାରଣ |
| ସମ୍ପୂର୍ଣ୍ଣ | - ଅସମ୍ପୂର୍ଣ୍ଣ | ପୁରସ୍କାର | - ତିରସ୍କାର |

୬. ଆସ ଖାଲିସ୍ଥାନରେ ଲେଖିବା ।

କ) ମାଆଙ୍କର ଭାତ ରନ୍ଧା ଚାଲିଥାଏ = ମାଆ ଭାତ ରାନ୍ଧୁଥା'ନ୍ତି ।

ଖ) ପିଲାମାନଙ୍କର ହସ୍ତାକ୍ଷର ଲେଖା ଚାଲିଥାଏ = ପିଲାମାନେ ହସ୍ତାକ୍ଷର ଲେଖୁଥା'ନ୍ତି ।

ଗ) ଭାଇଙ୍କର ପାଠପଢ଼ା ଚାଲିଥାଏ = ଭାଇ ପାଠ ପଢୁଥା'ନ୍ତି ।

ଘ) ଶ୍ରମିକମାନଙ୍କର ମାଟି ଖୋଳିବା ଚାଲିଥାଏ = ଶ୍ରମିକମାନେ ମାଟି ଖୋଳୁଥା'ନ୍ତି ।

୭. ନିମ୍ନ ଅନୁଚ୍ଛେଦଟିରୁ ବିଶେଷ୍ୟ ପଦଗୁଡ଼ିକୁ ବାଛି ତଳ ବାକ୍ସରେ ଲେଖିବା ।

ଉ: ରାଜା, କାରିଗର, ପରିଚ୍ଛଦ, ଅର୍ଥ

୮. ଆସ ତଳେ ଦିଆଯାଇଥିବା ଶବ୍ଦର ଭିନ୍ନ ଭିନ୍ନ ଅର୍ଥ ଲେଖିବା ।

କ) ବଳି – ଉତ୍ସର୍ଗ
ବଳୀ – ବଳୁଆ

ଖ) ଲକ୍ଷ – ସଂଖ୍ୟାବିଶେଷ
ଲକ୍ଷ୍ୟ – ଉଦ୍ଦେଶ୍ୟ

ଗ) ପରିଚ୍ଛଦ - ପୋଷାକ
ପରିଚ୍ଛେଦ - ଅଧ୍ୟାୟ

୯. ଯେପରି 'ଆନନ୍ଦ'ରୁ 'ଆନନ୍ଦିତ', ସେହିପରି କ'ଣ ହେବ ଲେଖିବା।

ଉତ୍ସାହ – ଉତ୍ସାହିତ  ଚିତ୍ରଣ – ଚିତ୍ରିତ

ପାଳନା - ପାଳିତ  ଘୋଷଣା – ଘୋଷିତ

ଉପସ୍ଥାପନ - ଉପସ୍ଥିତ  ଚମତ୍କାର – ଚମତ୍କୃତ

୧୦. ଆସ ନିମ୍ନଲିଖିତ ପଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା।

କ) ଯେମିତି ............ ସେମିତି

ଉ: ତୁମେ ଯେମିତି କରିବ, ସେମିତି ଫଳ ପାଇବ।

ଖ) ଯେତିକି ............. ସେତିକି

ଉ: ତୁମେ ଯେତିକି ପରିଶ୍ରମ କରିବ, ସେତିକି ପରୀକ୍ଷାରେ ଭଲ କରିବ।

ଗ) ଯେତେବେଳେ .............. ସେତେବେଳେ

ଉ: ସେ ଯେତେବେଳେ ଆସିବେ, ମୁଁ ସେତେବେଳେ ପଢ଼ିବି।

୧୧. ତଳେ ଦିଆଯାଇଥିବା ଶବ୍ଦର ସ୍ତ୍ରୀଲିଙ୍ଗ ଶବ୍ଦ ଲେଖ।

ରାଜା- ରାଣୀ  ବାପା- ମାଆ  ବୁଢ଼ା- ବୁଢ଼ୀ

ଛାତ୍ର – ଛାତ୍ରୀ  ଶିକ୍ଷକ – ଶିକ୍ଷିକା / ଶିକ୍ଷୟିତ୍ରୀ

୧୨. ଆସ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ଏକାଠି ଯୋଡ଼ି ଲେଖିବା।

ଉ: ନୂତନ ପରିଚ୍ଛଦ, ସ୍ୱର୍ଣ୍ଣ ଜରି, ଶୂନ୍ୟତନ୍ତ, ଭଲ ଶାସନ, ରେଶମ ସୂତା, ବିଚିତ୍ର ଗୁଣ

୧୩. ଆସ ତଳ ବାକ୍ୟଗୁଡ଼ିକୁ ଆଉ କିପରି ଲେଖାଯିବ ଲେଖିବା।

ଯଥା: ରାଜାଙ୍କ ମନରେ କ୍ରମେ ଆଗ୍ରହ ବଢ଼ିଲା।

ରାଜାଙ୍କ ମନରେ କ୍ରମେ ଆଗ୍ରହ ବଢ଼ିବ

କ) ଲୋକଟି ଆଙ୍ଗୁଳି ନିର୍ଦ୍ଦେଶ କରି କହିଲା।

ଉ: ଲୋକଟି ଆଙ୍ଗୁଳି ନିର୍ଦ୍ଦେଶ କରି କହିବ।

ଖ) ମନ୍ତ୍ରୀ ଫେରିଆସି ସେହି କଥା ବର୍ଣ୍ଣନା କଲେ।

ଉ: ମନ୍ତ୍ରୀ ଫେରିଆସି ସେହିକଥା ବର୍ଣ୍ଣନା କରିବେ।

ଗ) ରାଜା ତାହା ଦେଖି ବିଚାର କଲେ।

ଉ: ରାଜା ତାହା ଦେଖି ବିଚାର କରିବେ।

ଘ) ଶଠବ୍ୟକ୍ତି ଦୁଇଜଣ ପୁରସ୍କାର ନେଇ ଚାଲିଗଲେ।

ଉ: ଶଠବ୍ୟକ୍ତି ଦୁଇଜଣ ପୁରସ୍କାର ନେଇ ଚାଲିଯିବେ।

♦♦♦

ODM EDUCATIONAL GROUP Changing your Tomorrow